# ବାତ୍ୟା ପରେ ଇ-ନାମ୍ ନଡ଼ିଆ ବଜାର ଅଚଳ



ସାକ୍ଷୀଗୋପାଳ,୨।୧୨/ଏନ୍ଏନ୍ଏସ୍: ପୁରୀ ଜିଲ୍ଲାରେ ସାକ୍ଷୀଗୋପାଳ ନଡ଼ିଆ ପାଇଁ ବେଶ ପରିଚିତ। ସେଥିଯୋଗୁ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ମାଧ୍ୟମରେ ନଡ଼ିଆ ଚାଷୀମାନେ କିଣା ବିକା ଆରମ୍ଭ କରାଯାଇଥିଲା। ଏହି ନିୟନ୍ତ୍ରିତ ବଜାର କମିଟି ନଡ଼ିଆ କିଣା ବିକା କରି ବେଶ ସୁନାମ କରିଛି। ସରକାର ବିଭିନ୍ନ ନିୟନ୍ତ୍ରିତ ବଜାରକୁ ଇ-ନାମ୍‌ରେ ସାମିଲ କରିଥିଲେ। ମାତ୍ର ନଡ଼ିଆ ବଜାରକୁ ପ୍ରଥମ କରି ଇ-ନାମ୍ ବ୍ୟବସ୍ଥା କରାଯାଇଥିଲା ଏହି ନିୟନ୍ତ୍ରିତ ବଜାର ଜରିଆରେ। ମାତ୍ର ସବୁ ଠିକ୍‌ଠାକ୍ ଚାଲିଥିବା ବେଳେ ଫନି ବାତ୍ୟା ସବୁ ଉଡ଼େଇ ନେଇଛି। ଯେଉଁଠି ରାତି ପାହିଲେ ନଡ଼ିଆ ଚାଷୀ ମାନଙ୍କର ଗହଳି ଲାଗିଥିଲା ଏବେ ସେହିଠାରେ କାଉ ଉଡୁଛନ୍ତି। ଫଳରେ ଇ-ନାମ୍ ବଜାର ଏକ ପ୍ରକାର ଅଚଳ ବୋଲି କହିଲେ ଭୁଲ ହେବନାହିଁ। ସାତ ମାସ ତଳେ ହୋଇଥିବା ବାତ୍ୟାର ପ୍ରକୋପ ଏବେ ସାକ୍ଷୀଗୋପାଳରେ ଦେଖିବାକୁ ମିଳିଛି। କର୍ମଚାରୀ ଠାରୁ ବ୍ୟବସାୟୀ ମାନେ ହାତ ବାନ୍ଧି ବସିଛନ୍ତି। କେଉଁଦିନ ଗୋଟିଏ ବା ଦୁଇ ଗାଡି ନଡ଼ିଆ ବଜାରକୁ ଆସୁଛି ତ କେବେ ନାହିଁ। ନଡ଼ିଆ ଗୋଟା ପ୍ରତି ପ୍ରାୟ ୧୪ ଟଙ୍କାରୁ ୧୫ ଟଙ୍କା ରହିଛି। ନଡ଼ିଆ ଦର ଥିବା ବେଳେ, ଗଛରେ ନଡ଼ିଆ ନାହିଁ। ଏକ ସୂଚନା ଅନୁଯାୟୀ ଗତ ବର୍ଷ ନଭେମ୍ବର ମାସରେ ୧୦ ଲକ୍ଷରୁ ଅଧିକ ନଡ଼ିଆ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ଇ-ନାମ୍ ଜରିଆ କିଣା ବିକା କରିଛି। ଏ ବର୍ଷ ଉକ୍ତ ବଜାରରେ ୬୨ ହଜାର ୩୯୬ଟି ନଡିଆ ବିକ୍ରୟ ହୋଇଥିବା ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟିର ହିସାବ ନିରୀକ୍ଷକ ଜଗତ ଜ୍ୟୋତି ସାହୁ ସୂଚନା ଦେଇଛନ୍ତି। ଏହି ନଡ଼ିଆଗୁଡ଼ିକ ଚନ୍ଦନପୁର, ମାଳତୀପାଟପୁର, ତେଲାଙ୍ଗ, ତେଇଶିପୁର, ବାଲିପୁଟ, ଅଲଣ୍ଡାଗ୍ରାମ, ବ୍ରହ୍ମଗିରି, ମକୁନ୍ଦପୁର, ମଙ୍ଗଳପୁର ସହିତ ସାକ୍ଷୀଗୋପାଳରୁ ସଂଗ୍ରହ କରାଯାଇଥାଏ। ବିଶେଷ କରି ଫାନି ବାତ୍ୟାରେ ନଡ଼ିଆ ଗଛ ଗୁଡ଼ିକ ଭାଙ୍ଗିଯିବା ସହିତ ଯେଉଁ ଗଛ ବଞ୍ଚିଯାଇଛି ସେ ଗଛରେ ଫଳ ଆସୁନାହିଁ। ଫଳରେ ନଡ଼ିଆ ଉପରେ ନିର୍ଭର କରି ଚଳୁଥିବା ପରିବାର ଓ ନଡିଆ ବ୍ୟବସାୟୀମାନେ ଏବେ ଘୋର ଅର୍ଥ ଅନଟନରେ ରହିଥିବା ଜଣାପଡିଛି। ଅନ୍ୟ ପକ୍ଷେ ରାଜ୍ୟ ସରକାର ପ୍ରତି ନଡ଼ିଆ ଗଛ ପ୍ରତି ୫ଶହ ଟଙ୍କା ଦେବାକୁ ଘୋଷଣା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେ ଅର୍ଥ ପ୍ରକୃତ ହିତାଧିକାରୀ ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି।

ନିତିଦିନ NITIDIN Tue, Dec 3, 2019
http://odishanewsnitidin.com